# NATIONAL NEWS BULLETIN (ODIA)

## 28 April - 2025

### Morning Bulletin : 7.15 a.m.

*******************************************

## ମୁଖ୍ୟ ସମ୍ବାଦ

- ଦେଶର ଅନ୍ୟତମ ସର୍ବୋଚ୍ଚ ବେସାମରିକ ସମ୍ମାନ **ପଦ୍ମ ପୁରସ୍କାର** ଆଜି ପ୍ରଦାନ କରିବେ ରାଷ୍ଟ୍ରପତି
- ପହଲଗାମ ଆତଙ୍କବାଦୀ ଘଟଣା ନେଇ ଆଜି ବସିବ ଜାମ୍ମୁ କାଶ୍ମୀର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ
- ଆତଙ୍କବାଦୀ ଆକ୍ରମଣ ଘଟଣା ନେଇ ପ୍ରତିରକ୍ଷାମନ୍ତ୍ରୀ ଏବଂ ସିଡିଏସ୍‌ଙ୍କ ମଧ୍ୟରେ ଆଲୋଚନା
- ଦକ୍ଷିଣ ଇରାନର ସାହିର ରାଜାଇ ବନ୍ଦର ନିକଟରେ ଘଟିଥିବା ବିସ୍ଫୋରଣରେ ମୃତ୍ୟୁସଂଖ୍ୟା ୪୦କୁ ବୃଦ୍ଧି

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଗତକାଲି ଦ୍ୱିତୀୟ ମ୍ୟାଚ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ବିଜୟୀ

## ପ୍ରେଜ୍-ପଦ୍ମ ଆୱାର୍ଡସ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସନ୍ଧ୍ୟାରେ ଦେଶର ଅନ୍ୟତମ ସର୍ବୋଚ୍ଚ ବେସାମରିକ ସମ୍ମାନ **ପଦ୍ମ ପୁରସ୍କାର** ପ୍ରଦାନ କରିବେ । ରାଷ୍ଟ୍ରପତି ଭବନରେ ଏକ ସ୍ୱତନ୍ତ୍ର ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯିବ ।

ସମାଜର ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ୧୩୯ ଜଣଙ୍କୁ ଏଥିପାଇଁ ମନୋନୀତ କରାଯାଇଛି । ସେଥିମଧ୍ୟରେ ୭ଟି ପଦ୍ମ ବିଭୂଷଣ, ୧୯ଟି ପଦ୍ମଭୂଷଣ ଏବଂ ୧୧୩ଟି ପଦ୍ମଶ୍ରୀ ପୁରସ୍କାର ରହିଛି । ବିଶିଷ୍ଟ ଭାଓଲିନ୍ ବାଦକ ଏବଂ କମ୍ପୋଜର ଡକ୍ଟର ଏଲ୍. ସୁବ୍ରମଣିୟାନ୍ ଏବଂ ଗ୍ୟାଷ୍ଟ୍ରୋ ଏଣ୍ଟ୍ରୋଲୋଜିଷ୍ଟ୍ ଏନ୍. ନାଗେଶ୍ୱର ରେଡ୍ଡୀ, ପ୍ରସାର ଭାରତୀର ଅଧ୍ୟକ୍ଷ ଏ.ସୂର୍ଯ୍ୟକୁମାର, ଚଳଚ୍ଚିତ୍ର ଅଭିନେତା ଅନନ୍ତ ନାଗ, ନନ୍ଦମୁରୀ ବାଲକ୍ରିଷ୍ଣନ ଏବଂ ଏସ୍.ଅଜିତ କୁମାର, ଭାରତନାଟ୍ୟମ୍‌ର ନୃତ୍ୟଶିଳ୍ପୀ ଶୋଭା ଚନ୍ଦ୍ର କୁମାର ଓ ଭାରତୀୟ ପୁରୁଷ ହକି ଦଳର ପୂର୍ବତନ ଅଧିନାୟକ ପି.ଆର୍. ଶ୍ରୀଜେସ୍ ପ୍ରମୁଖଙ୍କୁ ସମ୍ମାନିତ କରାଯିବ ।

# ଜେକେ ଆସେମ୍ବ୍ଲି ସେସନ୍

ପହଲଗାମରେ ଘଟିଥିବା ଆତଙ୍କବାଦୀ ଆକ୍ରମଣ ସଂପର୍କରେ ଆଲୋଚନା କରିବାକୁ ଆଜି ପୂର୍ବାହ୍ନ ସାଢ଼େ୧୦ଟାରେ ଜାମ୍ମୁକାଶ୍ମୀର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ବସିବ । ଏହି ଆକ୍ରମଣରେ ୨୫ ଜଣ ପର୍ଯ୍ୟଟକ ଓ ଜଣେ ସ୍ଥାନୀୟ ବାସିନ୍ଦାଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଲୋକ ଆହତ ହୋଇଛନ୍ତି । ବିଧାନସଭାର ଏହି ଦିନିକିଆ ସ୍ୱତନ୍ତ୍ର ଅଧିବେଶନରେ ମୃତକମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହିତ ଘଟଣା ସଂପର୍କରେ ଆଲୋଚନା କରାଯିବ । ଏଥିସହ ବିଧାନସଭାରେ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ଦୃଢ଼ ନିନ୍ଦା କରାଯାଇ ଏକ ସଂକଳ୍ପ ପାରିତ କରାଯିବ ।

ସୂଚନା ଅନୁଯାୟୀ ସଂକଳ୍ପ ଗୃହୀତ ହେବା ପୂର୍ବରୁ ବିଧାନସଭାରେ ଏହି ଘଟଣା ଉପରେ ପ୍ରାୟ ୨ ଘଣ୍ଟା ଆଲୋଚନା ହେବ । ତେବେ ଆତଙ୍କବାଦୀ ଆକ୍ରମଣ ଘଟଣାରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡକାଯିବା ଏକ ବିରଳ ଘଟଣା ବୋଲି କୁହାଯାଇଛି ।

ଗତ ୨୩ ତାରିଖରେ ଜାମ୍ମୁ କାଶ୍ମୀର କ୍ୟାବିନେଟ୍ ବୈଠକ ବସି ସ୍ୱତନ୍ତ୍ର ଅଧିବେଶନ ଡକାଇବା ନିମନ୍ତେ ରାଜ୍ୟପାଳଙ୍କୁ ସୁପାରିଶ୍ କରାଯାଇଥିଲା ।

## ସିଡିଏସ୍-ରାଜନାଥ

ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ପରିପ୍ରେକ୍ଷୀରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍-ସିଡିଏସ୍ ଜେନେରାଲ୍ ଅନୀଲ ଚୌହାନ' ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କ ସହ ଗତକାଲି ସାକ୍ଷାତ ଆଲୋଚନା କରିଛନ୍ତି । ଦିଲ୍ଲୀସ୍ଥିତ ପ୍ରତିରକ୍ଷାମନ୍ତ୍ରୀଙ୍କ ବାସଭବନରେ ଉଭୟଙ୍କ ମଧ୍ୟରେ ସାମରିକ ପ୍ରସ୍ତୁତି ସଂପର୍କରେ କେତେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ଜେନେରାଲ୍ ଚୌହାନ ଆତଙ୍କବାଦକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ସାମରିକ ରଣନୀତି ପ୍ରସ୍ତୁତି ସଂପର୍କରେ ପ୍ରତିରକ୍ଷାମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି ।

ଅନ୍ୟପକ୍ଷରେ ବିଏସ୍ଏଫ୍ ମହାନିର୍ଦ୍ଦେଶକ ଦଲଜିତ୍ ସିଂ ଚୌଧୁରୀ ମଧ୍ୟ ଗତକାଲି ସ୍ୱରାଷ୍ଟ୍ରମନ୍ତ୍ରଣାଳୟକୁ ଯାଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି ।

ଭାରତୀୟ ନୌସେନା ଗତକାଲି ଜାହାଜ ବିରୋଧୀ କ୍ଷେପଣାସ୍ତ୍ର ଅଭ୍ୟାସକୁ ସଫଳତାର ସହ ସଂପନ୍ନ କରିଛି । ନୌସେନା ଜାହାଜରୁ ଏହା ପରୀକ୍ଷା କରାଯାଇଥିଲା ।

## ଗୋୟଲ୍-ଓ୍ୱାର୍ଲଡ୍ ସମିଟି

ବାଣିଜ୍ୟ ଶିଳ୍ପମନ୍ତ୍ରୀ ପିୟୁଷ ଗୋୟଲ କହିଛନ୍ତି, ଭାରତ ଆଗାମୀ ୨୫ ବର୍ଷ ମଧ୍ୟରେ ୩୦ ଟ୍ରିଲିୟନ୍ ଡଲାର ଅର୍ଥନୀତିରେ ପରିଣତ ହେବାର ଲକ୍ଷ୍ୟ ରଖିଛି । ନୂଆଦିଲ୍ଲୀରେ ବିଶ୍ୱ ସ୍ୱାସ୍ଥ୍ୟ ଶିଖର ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ ଗୋୟଲ କହିଛନ୍ତି, ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ପଦକ୍ଷେପ ଏବଂ ଯୋଜନା ଦ୍ୱାରା ଏହା ସମ୍ଭବ ହୋଇପାରିବ । ନାଗରିକଙ୍କ ସ୍ୱାସ୍ଥ୍ୟ ଏବଂ ସାମଗ୍ରିକ ବିକାଶରେ ଉନ୍ନତି ଅଣାଯିବା ସହ ସେମାନଙ୍କୁ ଏହି ଲକ୍ଷ୍ୟ ହାସଲ ଦିଗରେ ପ୍ରୋତ୍ସାହିତ କରାଯାଉଛି । ସୁଲଭ ମୂଲ୍ୟରେ ବାସଗୃହ ଯୋଗାଣ, ପାନୀୟ ଜଳ, ରନ୍ଧନ ଗ୍ୟାସ୍ ସଂଯୋଗ, ପରିମଳ ପରିଚାଳନା ଏବଂ ଶିକ୍ଷାରେ ଅଭିବୃଦ୍ଧି ଦେଶବାସୀଙ୍କ ଜୀବନଧାରଣରେ ଉନ୍ନତି ଆଣିପାରିଛି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିଶ୍ୱସ୍ତରୀୟ ସହଯୋଗ ଉପରେ ଆଲୋକପାତ କରି ମନ୍ତ୍ରୀ ଶ୍ରୀ ଗୋୟଲ କହିଛନ୍ତି, ଏହି କ୍ଷେତ୍ରରେ ରହିଥିବା ଆହ୍ୱାନଗୁଡ଼ିକର ମୂଳ କାରଣ ବିଶ୍ଲେଷଣ କରିବା ପାଇଁ ଭାରତର ଆଭିମୁଖ୍ୟ ଏକ ଆଦର୍ଶ ଭାବେ ଗ୍ରହଣ କରାଯାଇ ପାରିବ । ସରକାରଙ୍କ ବିଚାରଧାରା' ଦେଶବାସୀଙ୍କ ସାମଗ୍ରିକ ବିକାଶ ଉପରେ ପର୍ଯ୍ୟବେସିତ ବୋଲି ମନ୍ତ୍ରୀ ଶ୍ରୀ ଗୋୟଲ କହିଛନ୍ତି ।

## ଓ୍ୱେଭ୍ସ-ବେସିଲ୍ ଚ୍ୟାଲେଞ୍ଜ

ଆଗାମୀ ବିଶ୍ୱ ଦୃଶ୍ୟଶ୍ରାବ୍ୟ ସମ୍ମିଳନୀ ୱେଭ୍‌ସ-୨୦୨୫ ଆୟୋଜନ ପରିପ୍ରେକ୍ଷୀରେ ଇଣ୍ଡିଆ ଏ ବାର୍ଡସ୍ ଆଇ ଭିଉ ଚ୍ୟାଲେଞ୍ଜ ବର୍ଗରେ ୫ଜଣ ଶ୍ରେଷ୍ଠ ପ୍ରତିଯୋଗୀଙ୍କ ନାମ ଘୋଷଣା କରାଯାଇଛି । ଡ୍ରୋନ୍ ସିନେମାଟୋଗ୍ରାଫି ମାଧ୍ୟମରେ ଭାରତର ସୌନ୍ଦର୍ଯ୍ୟ, ବିବିଧ ଦୃଶ୍ୟ, ଐତିହ୍ୟ, ସଂସ୍କୃତି, ଉଦ୍‌ଭାବନ, ପ୍ରଗତି ଏବଂ ପରିବର୍ତ୍ତନ ଉପରେ ଆଲୋକପାତ କରି ୨ କିମ୍ବା ୩ ମିନିଟ୍‌ର ଭିଡ଼ିଓ ଦାଖଲ କରିବାକୁ ଏହି ବର୍ଗରେ ଆମନ୍ତ୍ରଣ କରାଯାଇଥିଲା । ଏଥିପାଇଁ ୨ଟି ଶ୍ରେଣୀକୁ ସାମିଲ କରାଯାଇଥିଲା । ଏଥିରେ ୧୩ଶହରୁ ଅଧିକ ପଞ୍ଜୀକୃତ ହୋଇଥିଲେ । ମନୋନୀତ ହୋଇଥିବା ଚୂଡ଼ାନ୍ତ ପ୍ରତିଯୋଗୀଙ୍କ ଭିଡ଼ିଓ ଶିଖର ସମ୍ମିଳନୀରେ ପ୍ରଦର୍ଶନ କରାଯିବା ସହ ବିଜେତାଙ୍କ ନାମ ଘୋଷଣା କରାଯିବ ।

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଥିବା ମିନି ରତ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବ୍ରଡକାଷ୍ଟ ଇଞ୍ଜିନିୟରିଂ କନ୍‌ସଲ୍‌ଟାନ୍ସ ଇଣ୍ଡିଆ ଲିମିଟେଡ୍ - **BECIL** ପକ୍ଷରୁ ଏହି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା ।

## ଇରାନ-ବ୍ଲାଷ୍ଟ୍

ଦକ୍ଷିଣ ଇରାନର ସାହିର ରାଜାଇ ବନ୍ଦର ନିକଟରେ ଘଟିଥିବା ବିସ୍ଫୋରଣରେ ମୃତ୍ୟୁସଂଖ୍ୟା ୪୦ରେ ପହଞ୍ଚିଛି । ଶନିବାର ଦିନ ଘଟିଥିବା ଏହି ଘଟଣାରେ ୧ ହଜାରରୁ ଅଧିକ ଲୋକ ଆହତ ହେବା ସହ ୧୯୭ ଜଣ ଏବେ ବି ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି । ଦୁର୍ଘଟଣାର କାରଣ ନେଇ ତଦନ୍ତ ଚାଲିଛି । ଆଜି ଇରାନରେ ରାଷ୍ଟ୍ରୀୟ ଶୋକ ପାଳନ କରାଯାଉଛି । ରାଷ୍ଟ୍ରପତି ମାସୁଦ୍ ପେଜେସେକିଆନ ଗତକାଲି ସେହି

ଅଞ୍ଚଳ ପରିଦର୍ଶନ କରିବା ସହ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ ।

## ପାକ୍-କିଲ୍ଡ

ପାକିସ୍ତାନର ଖାଇବର-ପଖତଓ୍ୱାନ୍ ପ୍ରଦେଶରେ ଅନୁପ୍ରବେଶ ଉଦ୍ୟମ ଅଭିଯୋଗରେ ସୁରକ୍ଷା ବାହିନୀ କାର୍ଯ୍ୟାନୁଷ୍ଠାନ ଦ୍ୱାରା ୫୪ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି । ପାକିସ୍ତାନ-ଆଫଗାନିସ୍ତାନ ସୀମା ଅଞ୍ଚଳରେ ନିଷିଦ୍ଧ ଘୋଷଣା ହୋଇଥିବା ତେହେରିକ୍ ଏ ତାଲିବାନ ପାକିସ୍ତାନ-ଟିଟିପିର ଏମାନେ ସଦସ୍ୟ ବୋଲି ପାକିସ୍ତାନ ସୁରକ୍ଷା ବାହିନୀ ସୂଚନା ଦେଇଛି । ଇଣ୍ଟର ସର୍ଭିସେସ୍ ପବ୍ଲିକ ରିଲେସନ୍ସ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି । ଗତ ୨ ଦିନ ମଧ୍ୟରେ ଉତ୍ତର ଓ୍ୱାଜରିସ୍ତାନ ଜିଲ୍ଲାର ହାସନ୍‌ଖେଲ୍ ଅଞ୍ଚଳରେ ସୁରକ୍ଷା ବାହିନୀ ଆତଙ୍କବାଦୀ ଗତିବିଧି ସଂପର୍କରେ ସୂଚନା ପାଇଥିଲା । ସୁରକ୍ଷା ବାହିନୀର କାର୍ଯ୍ୟାନୁଷ୍ଠାନ ଦ୍ୱାରା ୫୪ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି । ସେମାନଙ୍କ ନିକଟରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ରୀ ଏବଂ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି ବୋଲି ସୁରକ୍ଷା ବାହିନୀ ସୂଚନା ଦେଇଛି ।

## ଏମ୍‌ପି-ଆକ୍ସିଡେଣ୍ଟ

ମଧ୍ୟପ୍ରଦେଶର ମନ୍ଦସୌରଠାରେ ଗତକାଲି ଏକ ସଡକ ଦୁର୍ଘଟଣାରେ ୧୧ ଜଣଙ୍କର ମୃତ୍ୟୁ ହୋଇଛି । ନାରାୟଣଗଡ଼ ଥାନା ଅଧୀନସ୍ଥ କଚରିଆ ଚୌପାଟି ଗ୍ରାମ ନିକଟରେ ଶ୍ରଦ୍ଧାଳୁଙ୍କୁ ନେଇ ଯାଉଥିବା ଏକ ଭ୍ୟାନ୍ ଗୋଟିଏ ମୋଟରସାଇକେଲ ସହିତ ଧକ୍କା ହେବାରୁ ଏହି

ଦୁର୍ଘଟଣା ଘଟିଛି । ଦୁର୍ଘଟଣା ପରେ ଭ୍ୟାନ୍‌ଟି ଏକ କୂଅ ଭିତରକୁ ଗଳି ପଡ଼ିଥିଲା । ଏହି ଘଟଣାରେ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁର୍ଘଟଣା ନେଇ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକମାନଙ୍କ ନିକଟ ସଂପର୍କୀୟଙ୍କୁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କ ନିମନ୍ତେ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ମୃତକଙ୍କ ଲାଗି ସମବେଦନା ଜ୍ଞାପନ କରିବା ସହ ଆହତଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ରୋଗ ପ୍ରତିରୋଧକରେ ଟିକାକରଣର ଭୂମିକା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଜାତୀୟ ବୈଷୟିକ ପରାମର୍ଶଦାତା ଗୋଷ୍ଠୀର ଅଧ୍ୟକ୍ଷ ଡକ୍ଟର ଏନ୍.କେ. ଅରୋଡା ଏବଂ ନୂଆଦିଲ୍ଲୀସ୍ଥିତ ସ୍ୱାମୀ ଦୟାନନ୍ଦ ହସ୍ପିଟାଲର ଶିଶୁରୋଗ ଓ ନିଓନାଟୋଲୋଜିର ମୁଖ୍ୟ ଡାକ୍ତର ସୁରେନ୍ଦ୍ର ସିଂ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ର ଗତକାଲି ଦ୍ୱିତୀୟ ମ୍ୟାଚ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ବିଜୟୀ ହୋଇଛି । ଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ବେଙ୍ଗାଲୁରୁ ୬ ୱିକେଟ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସକୁ ହରାଇ ଦେଇଛି । ଆର୍‌ସିବି ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ବ୍ୟାଟିଂ ଆରମ୍ଭ କରି ଦିଲ୍ଲୀ କ୍ୟାପିଟାଲ୍‌ସ ନିର୍ଦ୍ଧାରିତ ୨୦ ଓଭର୍‌ରେ ୮ ୱିକେଟ୍ ବିନିମୟରେ ୧୬୨ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ କେ.ଏଲ୍. ରାହୁଲ ସର୍ବାଧିକ ୪୧ ରନ୍ ସଂଗ୍ରହ କରିଥିଲେ। ଆର୍‌ସିବି ପକ୍ଷରୁ ଭୁବନେଶ୍ୱର କୁମାର ୩ଟି ୱିକେଟ୍ ଅକ୍ତିଆର କରିଥିଲେ ।

ବିଜୟଲକ୍ଷ୍ୟକୁ ଆରସିବି ୧୮ ଓଭର୍ ୩ଟି ବଲ୍‌ରେ ୪ ୱିକେଟ୍ ବିନିମୟରେ ହାସଲ କରିପାରିଥିଲା । ଦଳ ପକ୍ଷରୁ କୃଣାଳ ପାଣ୍ଡ୍ୟା ସର୍ବାଧିକ ଅପରାଜିତ ୭୩ ରନ୍ ଏବଂ ବିରାଟ କୋହଲି ୫୧ ରନ୍ ସଂଗ୍ରହ କରିଥିଲେ। କୃଣାଳ ପାଣ୍ଡ୍ୟାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି । ଗତକାଲିର ପ୍ରଥମ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ ୫୪ ରନ୍‌ରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍‌ସକୁ ହରାଇ ଦେଇଥିଲା ।

ଆଜି ସନ୍ଧ୍ୟା ସାଢ଼େ୭ଟାରେ ଜୟପୁରର ସବାଇ ମାନସିଂ ଷ୍ଟାଡିୟମରେ ରାଜସ୍ଥାନ ରୟାଲ୍‌ସ ଏବଂ ଗୁଜରାଟ ଟାଇଟନ୍ସ ମଧ୍ୟରେ ମୁକାବିଲା ହେବ ।

# କଳିଙ୍ଗ କପ୍

କଳିଙ୍ଗ ସୁପର୍ କପ୍ ଫୁଟବଲ ପ୍ରତିଯୋଗିତାର ସେମିଫାଇନାଲ୍ ପର୍ଯ୍ୟାୟକୁ ମୁମ୍ବାଇ ସିଟି ଓ ଜାମସେଦପୁର ଉନ୍ନୀତ ହୋଇଛନ୍ତି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଗତକାଲି ଅନୁଷ୍ଠିତ ୨ଟି କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ରେ ଉଭୟ ଦଳ ବିଜୟୀ ହୋଇ ସେମିଫାଇନାଲ୍‌ରେ ପହଞ୍ଚିଛନ୍ତି । ମୁମ୍ବାଇ ସିଟି ୧-୦ ଗୋଲ୍‌ରେ ଇଷ୍ଟର କାଶୀକୁ ପରାସ୍ତ କରିଥିବା ବେଳେ ଜାମସେଦପୁର ଏଫ୍‌ସି ପେନାଲ୍‌ଟି ସୁଟ୍‌ଆଉଟ୍‌ରେ ୫-୪ ଗୋଲ୍‌ରେ ନର୍ଥ-ଇଷ୍ଟ୍ ୟୁନାଇଟେଡ୍‌କୁ ପରାସ୍ତ କରିଛି । ପୂର୍ବରୁ ମୋହନ ବାଗନ ସୁପର ଜ୍ୟାଣ୍ଟ୍‌ସ ଏବଂ ଏଫ୍‌ସି ଗୋଆ ସେମିଫାଇନାଲ୍‌ରେ ପ୍ରବେଶ କରିସାରିଛନ୍ତି । ଆସନ୍ତା ବୁଧବାର ଦିନ ସେମିଫାଇନାଲ୍ ମ୍ୟାଚ୍ ଖେଳାଯିବ । ମୋହନ ବାଗନ ସୁପରଜ୍ୟାଣ୍ଟ୍‌ସ ଓ ଏଫ୍‌ସି ଗୋଆ ମଧ୍ୟରେ ପ୍ରଥମ ସେମିଫାଇନାଲ୍ ଏବଂ ମୁମ୍ବାଇ ସିଟି ଓ ଜାମସେଦପୁର ଏଫ୍‌ସି ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍ ଖେଳାଯିବ ।